# NATIONAL NEWS BULLETIN (ODIA)

**17 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶର ବିଭିନ୍ନ ପ୍ରାନ୍ତରୁ ଉତ୍ପାଦନ ହେଉଥିବା ବୟନଶିଳ୍ପରେ ଭାରତର ସାଂସ୍କୃତିକ ବିବିଧତା ପ୍ରତିଫଳିତ ହେଉଛି-କହିଲେ ପ୍ରଧାନମନ୍ତ୍ରୀ ।

- ଉପାସନା ସ୍ଥଳ ଆଇନ୍‌ର ବୈଧତା ନେଇ ଆଗତ ଆବେଦନର ଶୁଣାଣିକୁ ଏପ୍ରିଲ ପ୍ରଥମ ସପ୍ତାହକୁ ସ୍ଥଗିତ ରଖିଲେ ସୁପ୍ରିମକୋର୍ଟ ।

- ନୂଆଦିଲ୍ଲୀ ରେଳଷ୍ଟେସନରେ କୌଣସି ଅପ୍ରୀତିକର ଘଟଣା ଏଡାଇବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କଲା ରେଳବାଇ ।

- ଓଡ଼ିଶା ବିଧାନସଭାରେ ଆଜି ଅପରାହ୍ଣରେ ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ବଜେଟ୍ ଉପସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ ।

ଏବଂ

- ମାର୍ଚ୍ଚ ୨୨ ତାରିଖରୁ ଆରମ୍ଭ ହେବ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ।

---

## ପିଏମ୍-ଭାରତ ଟେକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବୟନ ରପ୍ତାନୀକୁ ଆସନ୍ତା ୨୦୩୦ ସୁଦ୍ଧା ୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆୟୋଜିତ **ଭାରତ**

**ଟେକ୍ସ-୨୦୨୫** କାର୍ଯ୍ୟକ୍ରମରେ ଗତକାଲି ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଗତବର୍ଷ ଦେଶର ବୟନ ପୋଷାକ ରପ୍ତାନୀରେ ୭ ପ୍ରତିଶତ ଅଭିବୃଦ୍ଧି ଘଟିଛି ।

**V/O/- (PM Modi on 2030)**

ତେବେ ବୟନ ରପ୍ତାନୀ ୩ ଲକ୍ଷ କୋଟି ଟଙ୍କା ହୋଇଛି । ଉଚ୍ଚମାନର କାର୍ବନ ଫାଇବର ଉତ୍ପାଦନ ଦିଗରେ ଭାରତ ଅଗ୍ରଗତି କରୁଛି ବୋଲି ସେ କହିଛନ୍ତି । ସେ କହିଚନ୍ତି, ବୟନ ଶିଳ୍ପ କ୍ଷେତ୍ର ପାଇଁ ଦକ୍ଷ ପ୍ରତିଭା ସୃଷ୍ଟି କରିବା ଦିଗରେ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ଭାରତର ସାଂସ୍କୃତିକ ବିବିଧତା ଦେଶର ବିଭିନ୍ନ ପ୍ରାନ୍ତରୁ ଉତ୍ପନ୍ନ ହେଉଥିବା ବୟନ ଶିଳ୍ପରେ ପ୍ରତିଫଳିତ ହେଉଛି । ହସ୍ତତନ୍ତ କାରିଗରଙ୍କ ଦକ୍ଷତା ବିଶ୍ୱସ୍ତରରେ ପହଞ୍ଚାଇବା ସହ ସେମାନଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

**V/O/- (PM Modi on Environment)**

ହସ୍ତତନ୍ତକୁ ପ୍ରୋତ୍ସାହନ ଦେବା ପାଇଁ ଗତ ୧୦ ବର୍ଷ ମଧ୍ୟରେ ୨ହଜାର ୪୦୦ରୁ ଅଧିକ ବ୍ୟାବସାୟିକ ମେଳା ଆୟୋଜନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ଟେକ୍ସଟାଇଲ ମେଳା ପରିଦର୍ଶନ କରିବା ସହିତ ପ୍ରଦର୍ଶକଙ୍କ ସହ ମତବିନିମୟ କରିଥିଲେ । ଭାରତ ଟେକ୍ସ ୨୦୨୫ ହେଉଛି ଏକ ବୃହତ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ । କଞ୍ଚାମାଲ ଠାରୁ ଆରମ୍ଭ କରି ସାମଗ୍ରୀ

ପ୍ରସ୍ତୁତି ପର୍ଯ୍ୟନ୍ତ ସମଗ୍ର ଟେକ୍ସଟାଇଲ୍ କ୍ଷେତ୍ରକୁ ଏହି ସମ୍ମିଳନୀରେ ଏକାଠି କରାଯାଇଛି । ଏହି ସମ୍ମିଳନୀ ଆଜି ଉଦ୍‌ଯାପିତ ହେବ ।

## ଏସ୍‌ସି ୱ୍ୱର୍‌ସିପ୍ ଆକ୍ଟ (ପିଟିଆଇ)

ସର୍ବୋଚ୍ଚ ନ୍ୟାୟାଳୟ ଉପାସନା ସ୍ଥଳ ସ୍ୱତନ୍ତ୍ର ବ୍ୟବସ୍ଥା ଆଇନ୍ ୧୯୯୧ ସମ୍ପର୍କିତ ଏକାଧିକ ଆବେଦନର ଶୁଣାଣିକୁ ଏପ୍ରିଲ ପ୍ରଥମ ସପ୍ତାହକୁ ଘୁଞ୍ଚାଇ ଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଏହି ଆବେଦନର ଶୁଣାଣି ଏକ ତିନିଜଣିଆ ଖଣ୍ଡପୀଠ ଦ୍ୱାରା କରାଯିବ ।

ଆଜି ଶୁଣାଣି ସମୟରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ କୌଣସି ସ୍ଥାନର ଧାର୍ମିକ ସ୍ଥିତି ବଜାୟ ରଖିବାକୁ ପ୍ରଣୀତ ଉପାସନା ସ୍ଥଳ ଆଇନ୍‌ର ବୈଧତା ସମ୍ପର୍କରେ ଅନେକ ଗୁଡ଼ିଏ ନୂଆ ଆବେଦନ ଦାଖଲକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି । ପ୍ରଧାନ ବିଚାରପତି କହିଛନ୍ତି ଆବେଦନ ଦାଖଲ କରିବାର ଏକ ସୀମା ରହିଛି । ଯେତେ ସଂଖ୍ୟକ ଆବେଦନ ଦାଖଲ କରାଯାଇଛି, ତାହା ଗ୍ରହଣୀୟ ନୁହେଁ ।

ଗତବର୍ଷ ଡିସେମ୍ବର ୧୨ ତାରିଖରେ ସୁପ୍ରିମକୋର୍ଟ ବାରାଣାସୀର ଜ୍ଞାନବ୍ୟାପୀ, ମଥୁରାର ସାହି ଇଦ୍‌ଗାହ ମସ୍‌ଜିଦ ଏବଂ ସମ୍ଭଲସ୍ଥିତ ସାହି ଜାମା ମସ୍‌ଜିଦ ସମେତ ୧୦ଟି ମସ୍‌ଜିଦର ମୂଳସ୍ଥିତି ଜାଣିବା ପାଇଁ ଦାୟର ହୋଇଥିବା ୧୮ଟି ମାମଲାର ଶୁଣାଣିକୁ ସ୍ଥଗିତ ରଖିଥିଲେ । ପରେ ଫେବୃୟାରୀ ୧୭ ତାରିଖରେ ଅର୍ଥାତ୍ ଆଜି ସମସ୍ତ ଆବେଦନର ଶୁଣାଣି ପାଇଁ ତାଲିକାଭୁକ୍ତ କରାଯାଇଥିଲା ।

## ରେଲୱେ ମେଜର୍ସ

ନୂଆଦିଲ୍ଲୀ ରେଳଷ୍ଟେସନରେ ଦଳାଚକଟା ଘଟଣା ପରେ ଆଗାମୀ ଦିନରେ ଯେଭଳି କୌଣସି ଅପ୍ରୀତିକର ଘଟଣା ନ ଘଟିବ ସେଥିପାଇଁ ଉତ୍ତର ରେଳବାଇ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ରେଳବାଇ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରୟାଗରାଜ ଯାଉଥିବା ସମସ୍ତ ସ୍ୱତନ୍ତ୍ର ଟ୍ରେନ୍ ୧୬ନମ୍ବର ପ୍ଲାଟଫର୍ମରୁ ଚଳାଚଳ କରିବ ଏବଂ ଆଜ୍‌ମେରୀ ଗେଟ୍ ପାର୍ଶ୍ୱରୁ ପ୍ରବେଶ ଓ ପ୍ରସ୍ଥାନ ଲାଗି ବ୍ୟବସ୍ଥା କରାଯାଇଛି । ଅନ୍ୟସବୁ ପ୍ଲାଟଫର୍ମରୁ ନିୟମିତ ଟ୍ରେନ୍ ସ୍ୱାଭାବିକ ଭାବେ ଚଳାଚଳ କରିବ । ଏହାବ୍ୟତୀତ ନୂଆଦିଲ୍ଲୀ ରେଳଷ୍ଟେସନରେ ରେଳ ସୁରକ୍ଷା ବଳ ଓ ସରକାରୀ ରେଳବାଇ ପୁଲିସ ବଳ ମୁତୟନ ବୃଦ୍ଧି କରାଯାଇଛି । ସୁରକ୍ଷା କର୍ମଚାରୀମାନେ ଯେଉଁ ପ୍ଲାଟଫର୍ମରୁ ଟ୍ରେନ୍ ଛାଡୁଛି, ସେହି ପ୍ଲାଟଫର୍ମକୁ ଯାତ୍ରୀମାନଙ୍କୁ ଯିବାଆସିବାରେ ସହାୟତା କରୁଛନ୍ତି ।

ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଉତ୍ତର ରେଳବାଇ ଆଜି ୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ଜନଗହଳି ସମୟରେ ଯାତ୍ରୀମାନେ ଯେକୌଣସି ପ୍ରକାର ସହାୟତା ଲାଗି ୧୩୯ ନମ୍ବରକୁ ଯୋଗାଯୋଗ କରିପାରିବେ ।

## ବିହାର ଟ୍ରେମର୍ସ

ବିହାରରେ ଆଜି ସକାଳେ ସିୱାନ୍ ଜିଲ୍ଲା ଏବଂ ଆଖପାଖ ଅଞ୍ଚଳରେ ଭୂମିକମ୍ପ ଅନୁଭୂତ ହୋଇଛି । ଭୂକମ୍ପ ଅନୁଭୂତ ହେବା ପରେ ଲୋକମାନେ ଭୟରେ ଘରୁ ବାହାରକୁ ବାହାରି ଆସିଥିଲେ । ପାଣିପାଗ ବିଭାଗ ସୂଚନା

ଅନୁଯାୟୀ ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୪ ରେକର୍ଡ କରାଯାଇଛି । ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ଖବର ମିଳିନାହିଁ ।

ଦିଲ୍ଲୀରେ ମଧ୍ୟ ଆଜି ସକାଳେ ଭୂକମ୍ପ ଅନୁଭୂତ ହୋଇଥିବା ଜଣାପଡିଛି । ତେବେ କ୍ଷୟକ୍ଷତିର କୌଣସି ଖବର ମିଳିନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ଏକ୍ସରେ ଲୋକମାନଙ୍କୁ ସତର୍କ ରହିବା ଲାଗି ଆହ୍ୱାନ ଦେଇଛନ୍ତି । ଘଟଣା ଉପରେ ସତର୍କ ଦୃଷ୍ଟି ରଖାଯାଇଥିବା ସେ କହିଛନ୍ତି ।

## ଏସ୍‌ଜିପିସି ରିଜାଇନ୍‌ସ (ପିଟିଆଇ)

ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟିର ଅଧ୍ୟକ୍ଷ ହରଜିନ୍ଦର ସିଂହ ଧାମି ଆଜି ନିଜ ପଦରୁ ଇସ୍ତଫା ଦେଇଛନ୍ତି । ଅକାଳ ତଖତ ଜଥେଦାର ଜ୍ଞାନୀ ରଘବୀର ସିଂହ, ଜିଆନି ହରପ୍ରୀତ ସିଂହଙ୍କୁ ଯଥେଦାର ପଦରୁ ବହିଷ୍କାର କରାଯିବାକୁ ନିନ୍ଦା କରିବା ପରେ ଶ୍ରୀ ଧାମି ଇସ୍ତଫା ଦେଇଛନ୍ତି । ସେ କହିଛନ୍ତି ଶିଖ୍ ମାନଙ୍କର ସର୍ବୋଚ୍ଚ ପୀଠ ଅକାଳ ତଫତ ପାଇଁ ସେ ସବୁକିଛି କରିବା ଲାଗି ପ୍ରସ୍ତୁତ । ଆଜି ଅମୃତସରରେ ଗଣମାଧ୍ୟମକୁ ସମ୍ବୋଧିତ କରି ସେ କହିଛନ୍ତି ଯେ ସେ ନୈତିକତା ଆଧାରରେ ନିଜ ପଦବୀରୁ ଇସ୍ତଫା ଦେଉଛନ୍ତି ।

# ଇସ୍ରୋ-ପ୍ରପେଲାଣ୍ଟ

ଭାରତ ରକେଟ୍ ଉତ୍କ୍ଷେପଣ ପାଇଁ ବ୍ୟବହାର ହେଉଥିବା ରକେଟ୍ ମୋଟର ପାଇଁ ପୃଥିବୀର ସର୍ବବୃହତ୍ ୧୦ଟନ୍ ପ୍ରୋପେଲାଣ୍ଟ ମିକ୍ସର ପ୍ରସ୍ତୁତ କରିଛି । ଇସ୍ରୋର ସତୀଶ ଧାୱନ ମହାକାଶ କେନ୍ଦ୍ର, ବେଙ୍ଗାଲୁରୁର ସେଣ୍ଟ୍ରାଲ ମ୍ୟାନୁଫ୍ୟାକ୍ଚରିଂ ଟେକ୍ନୋଲୋଜି ଇନ୍ଷ୍ଟିଚ୍ୟୁଟ୍ ସହଯୋଗରେ ଏହାର ଡିଜାଇନ୍ କରିଛି । ଏହି ମିକ୍ସରର ଓଜନ ଦେଢ଼ଶହ ଟନ୍ ଏବଂ ଉଚ୍ଚତା ୮ ଦଶମିକ ୭ ମିଟର ହୋଇଥିବାବେଳେ ଲମ୍ବ ୫ ଦଶମିକ ୪ ମିଟର ଏବଂ ପ୍ରସ୍ଥ ୩ ଦଶମିକ ୩ ମିଟର ରହିଛି । ଏହି ମିକ୍ସର ରକେଟ୍ ଉତ୍କ୍ଷେପଣ ପାଇଁ ଜରୁରୀ କଠିନ ପ୍ରୋପେଲାଣ୍ଟ ଉପାଦାନର ସଠିକ୍ ଏବଂ ସୁରକ୍ଷିତ ମିଶ୍ରଣ ସୁନିଶ୍ଚିତ କରିଥାଏ । ମହାକାଶ କ୍ଷେତ୍ରରେ ଆତ୍ମନିର୍ଭର ଭାରତ ଅଭିଯାନ ଅଧୀନରେ ଏହା ବଡ ସଫଳତା ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି । ରିମୋଟ କଣ୍ଟ୍ରୋଲ ଦ୍ୱାରା ପରିଚାଳିତ ଏହି ମିକ୍ସରକୁ ଗତ ସପ୍ତାହରେ ଇସ୍ରୋକୁ ହସ୍ତାନ୍ତର କରାଯାଇଥିଲା ।

# ଓଡ଼ିଶା ବଜେଟ୍

ସପ୍ତଦଶ ଓଡ଼ିଶା ବିଧାନସଭା ଅଧିବେଶନରେ ଆଜି ୨୦୨୫-୨୬ ଆର୍ଥିକବର୍ଷ ଲାଗି ବଜେଟ୍ ଉପସ୍ଥାପନ କରାଯିବ । ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦ୍ୱିତୀୟ ଥର ପାଇଁ ବଜେଟ୍

ଉପସ୍ଥାପନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ୨୦୩୬ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ନେଇ ବଜେଟ୍‌ରେ ବିଭିନ୍ନ କ୍ଷେତ୍ରରେ ଉପରେ ସରକାରଙ୍କ ଆଭିମୁଖ୍ୟ ଏବଂ ପର୍ଯ୍ୟାପ୍ତ ଅର୍ଥ ବରାଦ ହେବାର ଆଶା କରାଯାଉଛି ।

ଏହା ପୂର୍ବରୁ ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟ-୨୦୨୪-୨୫ ପ୍ରକାଶ ପାଇଛି। ସର୍ଭେ ରିପୋର୍ଟରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ଜାତୀୟ ହାର ତୁଳନାରେ ଅଧିକ ରହିଥିବା ଦର୍ଶାଯାଇଛି।

## ଉପରାଷ୍ଟ୍ରପତି

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ଦିନିକିଆ ପଞ୍ଜାବ ଗସ୍ତରେ ଯିବେ । ମୋହାଲି ସ୍ଥିତ ନ୍ୟାସନାଲ୍ ଆଗ୍ରି ଫୁଡ୍ ଆଣ୍ଡ ବାୟୋ ମାନୁଫ୍ୟାକ୍‌ଚରିଂ ପ୍ରତିଷ୍ଠାନର ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେବେ । ଏହି ଅବସରରେ ଭାରତୀୟ ବିଜ୍ଞାନୀ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ଅଧ୍ୟାପକ ଏବଂ ଛାତ୍ରଛାତ୍ରୀଙ୍କ ସହ ଏକ ମତବିନିମୟ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## କଙ୍ଗୋ ରିବେଲ୍ସ

କଙ୍ଗୋରେ ରୁଆଣ୍ଡା ସମର୍ଥିତ ଏମ୍-୨୩ ବିଦ୍ରୋହୀମାନେ ଦେଶର ଦ୍ୱିତୀୟ ବୃହତ୍ତମ ସହର ବୁକାଭୁରେ ପ୍ରବେଶ କରିଛନ୍ତି । ସେହି ସହରକୁ

ପ୍ରବେଶ କରିବା ସମୟରେ ସେମାନଙ୍କୁ ସରକାରୀ ସେନାବାହିନୀର ସମ୍ମୁଖୀନ ହେବାକୁ ପଡିଥିଲା । ଅନ୍ୟପକ୍ଷରେ କଙ୍ଗୋ ସରକାର ରୁଆଣ୍ଡା ଉପରେ ବୁକାଭୁରେ ସେନା ମୁତୟନ କରିବା ଏବଂ ମାନବାଧିକାର ଲଙ୍ଘନ ଭଳି ଅଭିଯୋଗ କରିଛନ୍ତି । ରୁଆଣ୍ଡା କହିଛି ଏହା କେବଳ ହୁଟୁ ବିଦ୍ରୋହୀମାନଙ୍କୁ ଟାର୍ଗେଟ୍ କରୁଛନ୍ତି ।

ରୁଆଣ୍ଡା ସମର୍ଥିତ ସେନା ପ୍ରବେଶ ପରେ ଆଞ୍ଚଳିକ ସ୍ତରରେ ସଂଘର୍ଷ ବୃଦ୍ଧି ପାଇବା ନେଇ ଆଶଙ୍କା ପ୍ରକାଶ ପାଇଛି । ୧୯୯୦ ଦଶକରେ ରୁଆଣ୍ଡା ଗଣହତ୍ୟାର ପ୍ରଭାବ ଏହାର ମୂଳକାରଣ ହୋଇପାରେ ବୋଲି ଅନୁମାନ କରାଯାଉଛି । ଅନ୍ୟପକ୍ଷରେ ବ୍ରିଟେନ ପକ୍ଷରୁ ଏଭଳି ପଦକ୍ଷେପ ଭୟଙ୍କର ସମସ୍ୟା ସୃଷ୍ଟି କରିବ ବୋଲି କୁହାଯାଇଛି ।

ଜାତିସଂଘ ଅନୁଯାୟୀ ପୂର୍ବରୁ ଘଟିଥିବା ହିଂସାକାଣ୍ଡ ଭଳି ଏବେ ସଂଘର୍ଷର କୌଣସି ଲକ୍ଷଣ ଦେଖିବାକୁ ମିଳିନାହିଁ ବୋଲି କୁହାଯାଇଛି ।

## ଆଇପିଏଲ୍-୨୦୨୫

ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ – ଆଇ.ପି.ଏଲ୍. ୨୦୨୫ ଟୁର୍ଣ୍ଣାମେଣ୍ଟ ଆସନ୍ତା ମାସ ୨୨ ତାରିଖରୁ ଆରମ୍ଭ ହେବ । ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ୍ ଗତକାଲି ଏ ସମ୍ପର୍କରେ ସୂଚନା ଦେଇ କହିଛି, ଏହା ହେବ ପୁରୁଷ ଆଇ.ପି.ଏଲ୍.ର ୧୮ତମ ସଂସ୍କରଣ । ଏହି ଟି-ଟ୍ୱେଣ୍ଟି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ କୋଲକତାର ଇଡେନ୍‌ଗାର୍ଡେନ୍

ଷ୍ଟାଡିୟମ୍ ଠାରେ କୋଲକାତା ନାଇଟ୍ ରାଇର୍ଡସ୍ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଖେଳାଯିବ । ଚଳିତ ବର୍ଷ ଆଇ.ପି.ଏଲ୍.ରେ ୧୦ଟି ଦଳ ଅଂଶଗ୍ରହଣ କରୁଛନ୍ତି । ସେମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଗ୍ରୁପ୍-ଏରେ ଚେନ୍ନାଇ ସୁପରକିଙ୍ଗସ୍, ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ, ରାଜସ୍ଥାନ ରୟାଲ୍ସ, ପଞ୍ଜାବ କିଙ୍ଗସ୍ ଏବଂ କୋଲକାତା ନାଇଟ୍ ରାଇଡର୍ସ୍ ସ୍ଥାନିତ ହୋଇଛନ୍ତି । ସେହିଭଳି ମୁମ୍ବାଇ ଇଣ୍ଡିଆନ୍ସ, ଗୁଜରାଟ ଟାଇଟନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ, ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍ ଏବଂ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ଗ୍ରୁପ୍-ବିରେ ରହିଛନ୍ତି ।

## ଡବ୍ଲ୍ୟୁପିଏଲ୍

ମହିଳା ପ୍ରିମିୟର ଲିଗ୍‌ରେ ଆଜି ସଂଧ୍ୟାରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ସଂଧ୍ୟା ୭ଟା ୩୦ ମିନିଟ୍ ସମୟରେ ଭଦୋଦରା କୋଟାମ୍ବି ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଗୁଜୁରାଟ ଜ୍ୟାଣ୍ଟ୍ସ ୬ ୱିକେଟ୍‌ରେ ୟୁପି ୱାରିୟର୍ସଙ୍କୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ୟୁପି ୱାରିୟର୍ସ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୪୩ ରନ୍ କରିଥିବାବେଳେ ଗୁଜୁରାଟ ଜ୍ୟାଣ୍ଟ୍ସ ୧୮ ଓଭରରେ ୪ ୱିକେଟ୍ ହରାଇ ୧୪୪ ରନ୍ କରିଥିଲା ।

ଆଜି ସୁଦ୍ଧା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର’ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଗୁଜୁରାଟ ଜ୍ୟାଣ୍ଟ୍ସ ୨ ପଏଣ୍ଟ ସହ ସମାନ ସ୍ଥିତିରେ ଅଛନ୍ତି ।